# ପଲ୍ଲିଶ୍ରୀ ମେଳା ପଡ଼ିଆରୁ ଉଠାଦୋକାନୀଙ୍କୁ ହଟାଇଲା ପୋଲିସ

ରାୟଗଡ଼ା,୩୦।୧୨(ଆଶିଷ ରଞ୍ଜନ ପଣ୍ଡା)

ବିଭିନ୍ନ ରାଜ୍ୟରୁ ଆସିଥିବା ଉଠା ଦୋକାନୀ ପଲ୍ଲିଶ୍ରୀ ମେଳା ପଡ଼ିଆରେ ପସରା ମେଲାଇଥିବାବେଳେ ସୋମବାର ସେମାନଙ୍କୁ ପଡ଼ିଆରୁ ହଟାଇଦେଇଛି ଟାଉନ ଥାନା ପୋଲିସ । ଏହି ଉଠା ଦୋକାନୀମାନେ ପଡ଼ିଆର ଚଲାପଥ ଓ ଅନ୍ୟ ଷ୍ଟଲ ସମ୍ମୁଖରେ ବସୁଥିବାରୁ ପଡ଼ିଆ ଭିତରେ ଟ୍ରାଫିକ୍ ସମସ୍ୟା ଉପୁଜିବା ସହ ଭଡ଼ାରେ ଷ୍ଟଲ୍ ନେଇଥିବା ବ୍ୟବସାୟୀଙ୍କର ମଧ୍ୟ କ୍ଷତି ଘଟୁଥିବା ଅଭିଯୋଗ ହୋଇଥିଲା। ଏଭଳିକି କେହି କିଛି କହିଲେ ସମ୍ପୃକ୍ତ ଉଠା ଦୋକାନୀ ସେମାନଙ୍କ ସହ ବଚସା ମଧ୍ୟ କରୁଥିଲେ। ଏପରିକି ସମ୍ପୃକ୍ତ ଉଠାଦୋକାନୀ ଓ ତାଙ୍କ ପରିବାର ଆହାର କେନ୍ଦ୍ର ପାର୍ଶ୍ୱରେ ଥିବା ସରକାରୀ କ୍ୱାର୍ଟର୍ସ ରାସ୍ତାରେ ନିଜର ପସରା ଜମାଇବା ସହ ଉକ୍ତ ରାସ୍ତାକୁ ମାଡ଼ିବସି ସେଠାରେ ବସା ବାନ୍ଧିଥିଲେ। କେହି ସେଠାରୁ ହଟିବାକୁ କହିଲେ ସେମାନଙ୍କୁ ଧମକଚମକ ଦେଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଚଇତି ପଡ଼ିଆରେ ହୋଇଥିବା ଷ୍ଟଲ୍ ପଛପାର୍ଶ୍ୱରେ ନିଜର ଠେଲାଗାଡ଼ି ରଖିବା ସହ ସେଠାରେ ପଲିଥିନ୍ ବାନ୍ଧି ନିଜର ଜିନିଷ ରଖି ବିକ୍ରି କରୁଥିବା ପୋଲିସର କାର୍ଯ୍ୟାନୁଷ୍ଠାନ ସମୟରେ ଦେଖିବାକୁ ମିଳିଥିଲା। ଏଭଳିକି ଚଇତି ପଡ଼ିଆରେ ବିକ୍ରି ହେଉଥଲ୍ବା ସୋନପାମ୍ପୁଡ଼ି, ମସଲା ମୁଢ଼ି ଓ ଗୁପ୍‌ଚୁପ୍ ପାଇଁ ରହିଥିବା ସାମଗ୍ରୀକୁ ସମ୍ପୃକ୍ତ ବ୍ୟବସାୟୀମାନେ ତଳେ ଅପରିଷ୍କାର ଭାବେ ପକାଇ ପ୍ୟାକିଂ କରୁଥିବା ଦେଖିବାକୁ ମିଳିଥିଲା । ଏହିସବୁ ସାମଗ୍ରୀକୁ ପରବର୍ତ୍ତୀ ସମୟରେ ପଡ଼ିଆରେ ଆବାଳବୃଦ୍ଧବନିତାଙ୍କୁ ବିକ୍ରି କରୁଛନ୍ତି । ଏହାକୁ ଖାଇ ଲୋକେ ଅସୁସ୍ଥ ହେବାର ଢେର ସମ୍ଭାବନା ରହିଥିବାରୁ ପୋଲିସ ସେଗୁଡ଼ିକୁ ଜବତ କରିଛି। ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିକେ କହଁରଙ୍କ ନେତୃତ୍ୱରେ ଏସ୍‌ଆଇ ବିଘ୍ନେଶ୍ୱର ସାହୁ, କନ୍‌ଷ୍ଟେବଳ ଟି.ରେଡ୍ଡି , ସସ୍ମିତା ପାଣିଗ୍ରାହୀ ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହି ଉଠାଦୋକାନୀଙ୍କୁ ପଡ଼ିଆ ବାହାରକୁ ବିତାଡ଼ିତ କରିଥିଲେ । ତେବେ ଷ୍ଟଲ୍ ପରିଚାଳନା ଦାୟିତ୍ୱରେ ରହିଥିବା


ପଲ୍ଲିଶ୍ରୀ ମେଳା ପଡ଼ିଆରେ ପସରା ମେଲାଇଥିବା ଉଠାଦୋକାନୀଙ୍କୁ ପୋଲିସ ବାହାର କରୁଛି।

### ବଢୁଛି ଟ୍ରାଫିକ୍ ସମସ୍ୟା

ଓରମାସ ସଂସ୍ଥା ଏଥିପ୍ରତି ଦୃଢ଼ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି । ଏ ନେଇ ଓରମାସ ଡେପୁଟି ସିଇଓ ମନୋଜ ପାତ୍ରଙ୍କୁ ପଚାରିବାରୁ ଉଠାଦୋକାନୀଙ୍କୁ ବାରମ୍ବାର ମନା କରିବା ପରେ ମଧ୍ୟ ସେମାନେ ସନ୍ଧ୍ୟା ସମୟରେ ପଡ଼ିଆରେ ପ୍ରବେଶକରି ଅସୁବିଧା ସୃଷ୍ଟି କରୁଛନ୍ତି ବୋଲି ସେ କହିଛନ୍ତି।

ସୂଚନା ଥାଉକି, ବର୍ତ୍ତମାନ ଚଇତି ମହୋତ୍ସବ ୨ ତାରିଖକୁ ଘୁଞ୍ଚଯାଇଥିବା ବେଳେ ପଲ୍ଲିଶ୍ରୀ ମେଳା ଜାରି ରହିଛି । ଫଳରେ ସମସ୍ତ ପୋଲିସ ଉକ୍ତ କାର୍ଯ୍ୟକ୍ରମ ପାଇଁ ଟ୍ରାଫିକ୍ ବ୍ୟବସ୍ଥା ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ନିୟୋଜିତ ରହୁଥିବାରୁ ଗତ ୨ ଦିନରେ ସହରରେ ପୁଣି ଥରେ ଚୋରି ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି । ବାହାର ରାଜ୍ୟରୁ ଆସୁଥିବା ଏହି ଉଠାଦୋକାନୀ ଓ ଫେରିବାଲା ଦିନରେ ବ୍ୟବସାୟ କରୁଥିବା ବେଳେ ରାତ୍ରି ସମୟରେ ଚୋରି କରୁଥିବା ସନ୍ଦେହ ଉପୁଜିଛି । ତେଣୁ ଉକ୍ତ ଉଠାଦୋକାନୀ ଓ ଫେରିବାଲାଙ୍କୁ ରାୟଗଡ଼ା ସହରରେ ପ୍ରବେଶ ନିଷେଧ ପାଇଁ ଜନସାଧାରଣ ଦାବି କରିଛନ୍ତି ।

# ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ


ଗୁଣପୁର ଉପଜିଲାପାଳଙ୍କ ସହ ଜମିପଟ୍ଟା ପାଇଥିବା ହିତାଧିକାରୀ।

ମୁନିଗୁଡା,୩୦।୧୨ (ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ାର ତହସିଲ କାର୍ଯ୍ୟାଳୟ ପରିସରରେ ମୋ ଜଙ୍ଗଲ ଜମି ଯୋଜନାରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୋ ଜଙ୍ଗଲ ଜମି ଯୋଜନାର ସଂଯୋଜକ ରାମକୃଷ୍ଣ ମିଶ୍ର ଓ ଶିବପଦର ସର୍କଲର ରାଜସ୍ୱ ନିରୀକ୍ଷକ ଏମ୍.ପ୍ରବୀଣ କୁମାରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଗୁଣପୁର ଉପଜିଲାପାଳ କିରନଦୀପ କୌର ସାହୋତେ, ମୁନିଗୁଡ଼ା ତହସିଲଦାର ଏମ୍. ଅନୁରାଧା ପ୍ରମୁଖ ଉପସ୍ଥିତ ରହି ମୁନିଗୁଡ଼ା ବ୍ଲକ୍‌ର ଶିବପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖମ୍ବେସି ଗ୍ରାମର ୯ ଯୋଗ୍ୟ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ । ହିତାଧିକାରୀମାନେ ଘରବାରି ପଟ୍ଟା ପାଇଁ କିପରି ପଞ୍ଜୀକରଣ କରିବେ ଏବଂ ଏହାର ସହଜ ଉପାୟ ବୁଝାଇବା ସହ ସରକାରଙ୍କ ଦ୍ୱାରା ରାଜସ୍ୱ ବିଭାଗରେ ହିତାଧିକାରୀଙ୍କ ନିମନ୍ତେ ପରିଚାଳିତ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅତିଥିମାନେ ସଚେତନ କରିଥିଲେ । ଜଙ୍ଗଲ ଜମିର ସୁରକ୍ଷା, ଏଥିରୁ ଜୀବନ ଜୀବିକାର ଉତ୍ସକୁ ସଦୁପଯୋଗ କରିପାରିଲେ ପରିବେଶ ସହ ଜୀବନ ଜୀଇଁବା ସହଜ ହୋଇଯିବ ଏବଂ ଘରଡିହ ମିଳିଥିବା ହିତାଧିକାରୀ ଆଗାମୀ ଦିନରେ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଘର ପାଇପାରିବେ ବୋଲି ଜଣାପଡ଼ିଛି । ପରେ ଗୁଣପୁର ଉପଜିଲାପାଳ ତହସିଲ କାର୍ଯ୍ୟାଳୟର କାର୍ଯ୍ୟ ସହ ତହସିଲର ବିଭିନ୍ନ ବିଭାଗ ବୁଲି ତଦାରଖ କରିଥିଲେ । ଏଥିସହ ତହସିଲଦାରଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମୁନିଗୁଡ଼ା ତହସିଲ କାର୍ଯ୍ୟାଳୟର ସମସ୍ତ ସର୍କଲର ରାଜସ୍ୱ ନିରୀକ୍ଷକ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ ।

# ମନମୋହନ ସିଂଙ୍କ ବିୟୋଗରେ ଶୋକସଭା

ଟିକିରି, ୩୦।୧୨ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ସଦରସ୍ଥିତ ଗାନ୍ଧୀ ମଣ୍ଡପଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ କଂଗ୍ରେସ ସଭାପତି ଅଙ୍ଗଦ ନାଏକ ମନମୋହନ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋକସଭାରେ କଂଗ୍ରେସ କୃଷକ ରାଜ୍ୟ ଉପ ସଭାପତି ପି. ଦେବେନ୍ଦ୍ର ରାଓ, କଂଗ୍ରେସ ସେବା ଦଳ ଜିଲା ସଭାପତି ଅନୀଲ ଜୈନ, ଡ଼ଙ୍ଗାସିଲ ଜିପି କଂଗ୍ରେସ ସଭାପତି କବିରାଜ ନାଏକ, ପାଇଲୋ ମାଝୀ, ପୀତବାସ ନାଏକ, ରାଜେନ୍ଦ୍ର ନାଏକ, ଅଶୋକ ମାଝୀ, ସୁରତ ଗଉଡ଼ ଏବଂ କାଶୀପୁର କଂଗ୍ରେସ ନାରୀ ସଭାନେତ୍ରୀ ଗୌରୀ ନାଏକଙ୍କ ସମେତ ଶିକ୍ଷକ ନବକିଶୋର ଚମ୍ପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସ୍ୱର୍ଗତ ସିଂ ଦେଶର ଜାତୀୟ ଅର୍ଥନୀତିକୁ ସଶକ୍ତିକରଣ କରିବାରେ ସଫଳ ହେବା ସହ ଏବଂ ଶାନ୍ତିପ୍ରିୟ ରାଜନେତା ରୂପେ ବେଶ ଖ୍ୟାତି ଅର୍ଜନ କରିଥିଲେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ସିଂଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଟିକିରିରେ ମଧ୍ୟ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ବାହାରି ଗୋକୁଳମୁଣ୍ଡା ନିକଟରେ ଶେଷ ହୋଇଥିଲା।


ଟିକିରିରେ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

# ନିୟମିତ ଦରମା, ସେଫ୍ଟି ଟୁଲ୍ ନ ମିଳିବାରୁ କର୍ମଚାରୀଙ୍କ ଧାରଣା


ବର୍ଦ୍ଧମାନ କେମିକାଲ ଇଣ୍ଡଷ୍ଟ୍ରିଜ୍ କର୍ମଚାରୀ କମ୍ପାନୀ ସମ୍ମୁଖରେ ଧାରଣା ଦେଇଛନ୍ତି।

ରାୟଗଡ଼ା,୩୦।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସଦର ବ୍ଲକ୍ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ଶିଳ୍ପାଞ୍ଚଳରେ ରହିଥିବା ବର୍ଦ୍ଧମାନ କେମିକାଲ ଇଣ୍ଡଷ୍ଟ୍ରିଜ୍‌ରେ କାର୍ଯ୍ୟରତ କର୍ମଚାରୀମାନେ କମ୍ପାନୀ ସମ୍ମୁଖରେ ଧାରଣାରେ ବସିଛନ୍ତି। କର୍ମଚାରୀଙ୍କୁ ନିୟମିତ ଦରମା ନ ମିଳିବା ଏବଂ କେମିକାଲ ଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ରହିଥିବା ବେଳେ ସେମାନଙ୍କୁ ସେଫ୍ଟି ଟୁଲ୍ ପ୍ରଦାନ କରାଯାଉ ନ ଥିବାରୁ ବିରୋଧ୍‌କରି ଧାରଣା ଦେଇଥିଲେ।

କାର୍ଯ୍ୟରତ କର୍ମଚାରୀଙ୍କ କହିବାନୁସାରେ, ସେମାନଙ୍କୁ ୩ ମାସ ପୂରିଲେ ୨ ମାସର ଦରମା ଦିଆଯାଉଛି। ଏଭଳି ସମସ୍ୟା ବର୍ତ୍ତମାନ ସୁଦ୍ଧା ପ୍ରାୟ ୭ରୁ ୮ ଥର ଘଟୁଥିବା ନେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏଭଳିକି କର୍ମଚାରୀଙ୍କୁ ନିୟମିତ ଦରମା ଓ ସେଫ୍ଟି ଟୁଲ୍ ମିଳୁ ନ ଥିବା ପିତାମହଲ ସରପଞ୍ଚ ଟୁଟୁ ତାଡ଼ିଙ୍ଗିଙ୍କ ନିକଟରେ ମଧ୍ୟ ବହୁବାର ଅଭିଯୋଗ ହୋଇଥିବା ଟୁଟୁ ପ୍ରକାଶ କରିଛନ୍ତି। ତେବେ ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ବିମଲ ସେଠିଆଙ୍କୁ ପଚାରିବାରୁ ବର୍ତ୍ତମାନ କମ୍ପାନୀ କ୍ଷତିରେ ଚାଲିଛି। ତେଣୁ ଦରମା ଦେବାରେ କିଛିଟା ବିଳମ୍ବ ଘଟିଛି । କେତେଜଣ ଜଣ ଦରମା ନେଇଯାଇଥିବା ବେଳେ ସେମାନଙ୍କ ୩ ମାସର ଦରମା ନୁହେଁ ବରଂ ଦେଢ଼ ମାସର ଦରମା ବକେୟା ରହିଛି ଏବଂ ଏହା ଶୀଘ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ୨୦୧୧ରୁ ଆରମ୍ଭ ହୋଇଥିବା ଏହି କମ୍ପାନୀ ସଫଳତାର ସହ ଚାଲିଥିବା ବେଳେ ୨୦୨୧ ମସିହାରେ ନୂତନ ନିୟମାନୁସାରେ ପେସୋ ଲାଇସେନ୍ସ ନ ଥିବାରୁ ପ୍ରଦୂଷଣ ବିଭାଗ ଲାଇସେନ୍ସ ନବୀକରଣ କରି ନ ଥିଲା। ଫଳରେ କମ୍ପାନୀ ୨୦୨୩ ପର୍ଯ୍ୟନ୍ତ ବନ୍ଦ ରହିଥିଲା । ଓଡ଼ିଶା ସରକାରଙ୍କ ଯୋଗୁ ଏହିଭଳି ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି । ୨୦୨୩ ମସିହାରେ ତାଙ୍କୁ ପ୍ରଦୂଷଣ ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିବା ପରେ କାରଖାନା ପୁଣି କାର୍ଯ୍ୟକ୍ଷମ ହୋଇଥିବା କହିଛନ୍ତି ସେଠିଆ । କାରଣ ପେସୋ ଲାଇସେନ୍ସ କମ୍ପାନୀ ନିର୍ମାଣ ଆରମ୍ଭରୁ ଆବେଦନ କରିବାକୁ ପଡ଼େ । ପୂର୍ବରୁ ଏହି ନିୟମ ନ ଥିଲା। ବର୍ତ୍ତମାନ ଏହି ନୂତନ ନିୟମ କାରଣରୁ କମ୍ପାନୀକୁ କ୍ଷତି ସହିବାକୁ ପଡ଼ିଛି ବୋଲି ସେ କହିଛନ୍ତି ।

# ଶିବପ୍ରସାଦଙ୍କୁ ସୂର୍ଯ୍ୟୋଦୟ ଯୁବ ପ୍ରତିଭା ସମ୍ମାନ

ପଦ୍ମପୁର, ୩୦।୧୨ (ପ୍ରଶାନ୍ତ କୁମାର କର)

ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ସୂର୍ଯ୍ୟୋଦୟ ଲିଟେରାରି ଫାଉଣ୍ଡେଶନ ତରଫରୁ 'ସୂର୍ଯ୍ୟୋଦୟ ଯୁବ ସାରସ୍ୱତ ସମାବେଶ –୨୦୨୪' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ପଦ୍ମପୁର ଜୁମୁରୁଗୁଡ଼ାର ଯୁବକ ଶିବପ୍ରସାଦ ସାହୁଙ୍କୁ 'ସୂର୍ଯ୍ୟୋଦୟ ଯୁବ ପ୍ରତିଭା ସମ୍ମାନ –୨୦୨୪'ରେ ସମ୍ମାନିତ କରାଯାଇଛି। ଓଡ଼ିଶାର ସୁନାମଧନ୍ୟ କବି ତଥା ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଦେବଦାସ ଛୋଟରାୟ ମୁଖ୍ୟ ଅତିଥି ଏବଂ ଚଳିତ ବର୍ଷର ଶାରଳା ପୁରସ୍କାର ବିଜେତା ସରୋଜିନୀ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଶିବପ୍ରସାଦଙ୍କୁ ମାନପତ୍ର, ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତି।

ସୂଚନାଯୋଗ୍ୟ, ସୂର୍ଯ୍ୟୋଦୟ ଲିଟେରାରି ଫାଉଣ୍ଡେଶନ ପ୍ରତିବର୍ଷ ଓଡ଼ିଶାର ପ୍ରତ୍ୟେକ ଜିଲାରୁ ନବ ସାହିତ୍ୟ ପ୍ରତିଭାଙ୍କୁ ଏକତ୍ରିତକରି ସେମାନଙ୍କ ମଧ୍ୟରେ କବିତା, ଗଳ୍ପ, ସମାଲୋଚନା, ବ୍ୟଙ୍ଗ ରଚନା ଭଳି ସାହିତ୍ୟର ଅନେକ ବିଭାଗରେ ପ୍ରତିଯୋଗିତା କରିଥିଲା। ସମଗ୍ର ଓଡ଼ିଶାର ୧୫୪ ଯୁବ ପ୍ରତିଭାଙ୍କ ମଧ୍ୟରେ ୨୦ଟି ପର୍ଯ୍ୟାୟରେ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ପ୍ରତିଭାଙ୍କୁ ଯୁବପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି । ଚଳିତ ବର୍ଷ ଶିବପ୍ରସାଦ ସୂର୍ଯ୍ୟୋଦୟ ଯୁବପ୍ରତିଭା ସମ୍ମାନରେ ସମ୍ମାନିତ ହୋଇ ରାୟଗଡ଼ା ଜିଲା ପାଇଁ ସୁନାମ ଅର୍ଜନ କରିଛନ୍ତି । ପଦ୍ମପୁର ଜୁମୁରୁଗୁଡ଼ା ତଳସାହି ନିବାସୀ ଜଗଦୀଶ ଚନ୍ଦ୍ର ସାହୁ ଓ ମାତା ସଙ୍ଗୀତା ସାହୁଙ୍କ ପୁତ୍ର ଶିବପ୍ରସାଦ ବର୍ତ୍ତମାନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଓଡ଼ିଆ ସ୍ନାତକ ବିଭାଗର ଶେଷ ବର୍ଷର ଛାତ୍ର ।


ଶିବପ୍ରସାଦ ସାହୁଙ୍କୁ ସମ୍ମାନିତ କରାଯାଉଛି।

# ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଶୋକସଭା

ପଦ୍ମପୁର, ୩୦।୧୨ (ପ୍ରଶାନ୍ତ କୁମାର କର)

ପଦ୍ମପୁର ପଞ୍ଚାୟତ ସଭାଗୃହରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ମନମୋହନ ସିଂଙ୍କ ସ୍ମୃତିଚାରଣ କରିଥିଲେ। ଦେଶ ଜଣେ ମହାନ ବ୍ୟକ୍ତିଙ୍କୁ ହରାଇଲା ବୋଲି ଅତିଥିମାନେ କହିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ପୂର୍ବତନ ସରପଞ୍ଚ ଜୟଶଙ୍କର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ପଞ୍ଚାୟତ ଅଧିକାରୀ ଶ୍ୟାମସୁନ୍ଦର ପାଣିଗ୍ରାହୀ,ଖମାପଦର ସରପଞ୍ଚ କେଶରୀ ଶବର, ରାଜୀବ ଲୋଚନ ସାହୁ, ତ୍ରିପତି ପ୍ରସାଦ ନିଶଙ୍କ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରମାକାନ୍ତ ମାଝୀ, କବିରାଜ ରାମକୃଷ୍ଣ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସହ ପଦ୍ମପୁରର ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଶୋକବ୍ୟକ୍ତ କରିଥିଲେ।

# ୨୭ ଅଭିଯୋଗ ଶୁଣିଲେ ଜିଲାପାଳ

କୋଲନରା,୩୦।୧୨(ମାନସ ମିଶ୍ର)

ରାୟଗଡା ଜିଲା ପ୍ରଶାସନ ତରଫରୁ କୋଲନାରା ପଞ୍ଚାୟତ ସମିତି ସଦ୍‌ଭାବନା ସଭାଗୃହଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୋଟ ୨୭ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୧୦ଟି ବ୍ୟକ୍ତିଗତ ଓ ୧୫ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଓ ୨ଟି ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କିତ ଥିଲା । ଶିବିରରେ ଏସ୍‌ପି ସ୍ୱାଥୀ ଏସ୍ କୁମାର, ଖଣ୍ଡୀୟ ବନ ଅଧିକାରୀ ସଚିନ ଆହ୍ମାସାହେବ ଓହ୍‌ଲେ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲ ମୋହନ ରାଉତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସଞ୍ଜୁକ୍ତା କୁଲେସିକା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ହଳଧର ହିମିରିକା ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଭଜନଲାଲ ମାଝୀ, ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ମଳୟ କୁମାର ଟୀନର, ଏପିଡି ୱାଟରସେଡ ରାଜେନ୍ଦ୍ର ନାଥ ନାୟକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ, ରାସ୍ତା ଓ କୋଠାବାଡି ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଜିଲାପାଳ ସସ୍ମିତା ପଟ୍ଟନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,ଓଡିଶା ଜୀବିକା ମିଶନର ଡିପିଏମ ଶଙ୍କର ଚାଲାନ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆଡ୍‌ମିଟ୍ କାର୍ଡ ୱେବସାଇଟ୍‌ରେ

କଟକ,୩୦।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆସନ୍ତା ଜାନୁଆରୀ ୭ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ବୋର୍ଡ ୱେବସାଇଟ୍ (www.bseodisha.ac.in)ରେ ଆଡ୍‌ମିଟ୍‌କାର୍ଡ ସୋମବାରଠାରୁ ଉପଲବ୍ଧ ହୋଇଛି। ସମଗ୍ର ରାଜ୍ୟରେ ମୋଟ ୬୮୯ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀ ୧୪୧୩୬୦, ୭ମ ଶ୍ରେଣୀ ୧୦୦୮୬, ୮ମ ଶ୍ରେଣୀ ୫୭୪୪ ଓ ନବମ ଶ୍ରେଣୀର ୩୧୮୯ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀର ୮୭୫ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବା ବୋର୍ଡ ପକ୍ଷରୁ ଜଣାଯାଇଛି।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

ଗୁଣପୁର,୩୦।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ଏବଂ ମେକ୍ସିକୋସ୍ଥିତ ଅଜଟିକା ବିଶ୍ୱବିଦ୍ୟାଳୟର ଇଣ୍ଟରନ୍ୟାଶନଲ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ଆପ୍ଲାଇଡ୍ ସାଇନ୍ସ ଆଣ୍ଡ ଇନ୍‌ଫର୍ମମେକ୍ସ ମିଳିତ ଆନୁକୂଲ୍ୟରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। 'ସ୍ଥାୟୀ ପରିବେଶରେ ପରିଚାଳନା ,ବାଣିଜ୍ୟ ଓ ପ୍ରଯୁକ୍ତି ସୂଚନା ଧାରା ସମ୍ପର୍କିତ' ଏହି ସମ୍ମିଳନୀରେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଆଇଇଟି ବିଶ୍ୱବିଦ୍ୟାଳୟର ପ୍ରୋ–ଚାନ୍ସେଲର ଡ. ଲଳିତ ମୋହନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ରବିନାରାୟଣ ସୁବୁଦ୍ଧି, ସମ୍ମିଳନୀର ସାଧାରଣ ସମ୍ପାଦକ ପି .କେ. ପାଉଲ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ମୁଖ୍ୟ ସୁନୀଲ କୁମାର ପ୍ରଧାନ, ନିମନ୍ତ୍ରିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପି. ବିଜୟ କୁମାର ପ୍ରମୁଖ ମଞ୍ଚାସୀନ ରହି ସମ୍ମିଳନୀରେ ନିଜ ନିଜର ମତ ପ୍ରକାଶ କରିଥିଲେ । ଏହି ଅବସରରେ ମେକ୍ସିକୋସ୍ଥିତ ଅଜ୍‌ଟେକ୍ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ରିକାର୍ଡ ସାଭେଦ୍ରା, ରିୟାଦ ସ୍ଥିତ କଲେଜ ଅଫ୍ ଆଡମିନିଷ୍ଟ୍ରେଟିଭ ଆଣ୍ଡ ଫାଇନାନ୍ସିଆଲ ସାଇନ୍‌ସେସ୍ ସାଉଦି ଇଲେକ୍ଟ୍ରୋନିକ୍ସ ବିଶ୍ୱବିଦ୍ୟାଳୟର ଗଣେଶ ଦାସ, ନେପାଳସ୍ଥିତ ମାଧେଶ ବିଶ୍ୱବିଦ୍ୟାଳୟର ଲ ଆଣ୍ଡ ପବ୍ଲିକ୍ ଆଡମିନିଷ୍ଟ୍ରେଶନର ଡିନ୍ ଅଜୟ କୁମାର ମିଶ୍ର, ଇଜିପ୍ଟର ଲକ୍ସର ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ହାସନ ରଫତ ହସନ ବାଡୱେ, ତିରୁଚିରାପଲ୍ଲୀ ଏନ୍‌ଆଇଟିର ମ୍ୟାନେଜମେଣ୍ଟ ଷ୍ଟଡିଜ୍ ବିଭାଗର ପ୍ରଫେସର ମୁରୁଗନ୍ନଥମ ଗଣେଶନ ଏବଂ ହରିୟାଣାସ୍ଥିତ ବୈଶ୍ୟ କଲେଜ ଅଫ୍ ଇଞ୍ଜିନିୟରିଂ, ରୋହତକର ପ୍ରଫେସର ରୋହିତ ବଂଶଲ ପ୍ରମୁଖ ଆଭାସି ମାଧ୍ୟମରେ ଯୋଗଦେଇ ନିଜ ନିଜର ସନ୍ଦର୍ଭ ପାଠ କରିବା ସହ ପରିଚାଳନା ବାଣିଜ୍ୟ ଓ ପ୍ରଯୁକ୍ତି ସୂଚନା ଧାରାର ଭବିଷ୍ୟତ ପ୍ରୟୋଗ ବିଷୟରେ କହିଥିଲେ। ସମ୍ମିଳନୀ ଆବାହକ ସୌମେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ଆବାହକ ଅଧ୍ୟାପକ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଫୁଟି ଫିଜା ମଞ୍ଚ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ପ୍ରସ୍ତାବକୁ ବିରୋଧ

### ସିପିଆଇ(ଏମ୍‌ଏଲ୍) ଲିବରେଶନର ପ୍ରତିବାଦ ସଭା

ଗୁଣପୁର,୩୦।୧୨(ପ୍ରଦୀପ କୁମାର ପାଢ଼ୀ)

ବାମପନ୍ଥୀ ଦଳ ଦେଶବ୍ୟାପୀ ପ୍ରତିବାଦ କରିବା ଅବସରରେ ସିପିଆଇ(ଏମ୍‌ଏଲ୍) ଲିବରେଶନ ତରଫରୁ ଗୁଣପୁର ନୂତନ ବସ୍‌ଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରା ବାହାରି ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି। ପରେ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତଳିକା ଦାହକରାଯାଇଥିଲା । କେନ୍ଦ୍ର ମନ୍ତ୍ରୀ ଶାହା ରାଜ୍ୟ ସଭାରେ ଡ. ବି.ଆର୍. ଆମ୍ବେଡକରଙ୍କ ବିରୋଧରେ ଯେଉଁ ଅସମ୍ମାନଜନକ ମନ୍ତବ୍ୟ ଦେଇଥିଲେ ତାକୁ ସିପିଆଇ (ଏମ୍‌ଏଲ୍) ଲିବରେଶନ ତରଫରୁ ଦୃଢ଼ ବିରୋଧ କରାଯାଇଥିଲା। ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ପ୍ରସ୍ତାବ ଯାହାକି ପାର୍ଲାମେଣ୍ଟରେ ୨ଟି ବିଲ୍ ଜରିଆରେ ଏବଂ ତାହା ମଧ୍ୟରୁ ଗୋଟିଏ ସମ୍ବିଧାନ ସଂଶୋଧନ ଭାବେ ଆଗତ କରାଯାଇଛି। ତାକୁ ବାମପନ୍ଥୀ ଦଳଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବିରୋଧ କରୁଛନ୍ତି। ତେଣୁ ବାମପନ୍ଥୀ ଦଳ ଏକ ଦେଶ ଏକ ନିର୍ବାଚନ ଯୋଜନା ବିରୋଧରେ ଦେଶବ୍ୟାପୀ ବ୍ୟାପକ ଆନ୍ଦୋଳନ କରିବେ ବୋଲି କୁହାଯାଇଛି। ସଙ୍ଗଠନର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ବୃନ୍ଦାବନ ବିଡ଼ିକା, ରାଜେନ୍ଦ୍ର ମାଝୀ, ରମେଶ ବିଡ଼ିକା, ଦାସୁରୁ ପାତିକା, ମୋଜେସ ଶବର, କରୁଣାକର ଲିମା, ସବିତା ନିମାଲା, ଅଜୟ ଶବର, ଚିତ୍ରସେନ ଶବର, ଗାଙ୍ଗାନା ବିଡିକା ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା ।



ସିପିଆଇ(ଏମ୍‌ଏଲ୍) ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସାଧାରଣ ଜନତାଙ୍କ ନ୍ୟାୟ ଉପରେ ଗୁରୁତ୍ୱ

## ରାଜ୍ୟସ୍ତରୀୟ ଆଇନଜୀବୀ ସମ୍ମିଳନୀ ଉଦ୍‌ଯାପିତ

ମାଲକାନଗିରି, ୩୦।୧୨ (ଦୁର୍ଯ୍ୟୋଧନ ପାତ୍ର)


ଉଦ୍‌ଯାପନୀ ଦିବସରେ ଖବରଦାତମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ମାଲକାନଗିରିରେ ଚାଲିଥିବା ଓଡିଶା ଆଇନଜୀବୀ ସଂଘର ୫୩ତମ ରାଜ୍ୟସ୍ତରୀୟ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଲୟର୍ସ ଆସୋସିଏଶନ ଅଧ୍ୟକ୍ଷ ଜ୍ଞାନରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଅଜିତ କୁମାର ପାଣିଗ୍ରାହୀ, ମନୋରଞ୍ଜନ ମହାନ୍ତି, ବାର୍ କାଉନସିଲ ସଭ୍ୟ ରମେଶ ପାତ୍ର, ବିଭୁ ପ୍ରସାଦ ତ୍ରିପାଠୀ, ନବରଙ୍ଗପୁର ସଂଘ ସଭାପତି ନରସିଂହ ତ୍ରିପାଠୀ, ରାୟଗଡା ସଂଘ ସଭାପତି ପଦ୍ମନାଭ ଦାସ, ଜୟପୁର ସଂଘ ସଭାପତି ମୁନା ସିଂ ଲାଲ, ମାଲକାନଗିରି ସଂଘ ସଭାପତି ନୃସିଂହ ଚରଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ମହାପାତ୍ର ମାଲକାନଗିରିର ଇତିହାସ ସମ୍ବନ୍ଧରେ ବକ୍ତବ୍ୟ ଦେବା ସହ ବାରିଷ୍ଟର ମଧୁସୂଦନ ଦାସଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ତାଙ୍କ ଆଇନ ସମ୍ବନ୍ଧୀୟ ଜ୍ଞାନ ଏବଂ ଗଣତନ୍ତ୍ରରେ ଆଇନକୁ କିପରି ସୁଚାରୁ ରୂପେ ପାଳନ କରାଯିବ ଏବଂ ସାଧାରଣ ଜନତା କିପରି ନ୍ୟାୟ ପାଇବେ ସେ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।

ମାଲକାନଗିରି ଜିଲାରେ ଏପରି ରାଜ୍ୟସ୍ତରୀୟ ସମ୍ମିଳନୀ ନିଶ୍ଚିତ ଭାବେ ରାଜ୍ୟର ଅନ୍ୟ ଜିଲାମାନଙ୍କ ଉପରେ ପ୍ରଭାବ ପକାଇବା ସହ ଆଗାମୀ ଦିନରେ ଦୁଇଟି ସଂଘ ଏକତ୍ରିତ ହୋଇ ଏଭଳି ସମ୍ମିଳନୀ କଲେ ତାହା ନିଶ୍ଚିତ ଭାବେ ଲୋକାଭିମୁଖୀ ହେବ। ଆଇନଜୀବୀମାନେ ନିଷ୍ଠାର ସହ କାର୍ଯ୍ୟକରି ସାଧାରଣ ଜନତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା, ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଇ ପ୍ରକୃତ ଦୋଷୀ ଯେପରି ଦଣ୍ଡ ପାଇବ ସେଥିପ୍ରତି ନିଜର ଜ୍ଞାନ କୌଶଳ ଅଦାଲତରେ ଉପସ୍ଥାପନ କରିବା ବ୍ୟକ୍ତି ହିଁ ସୁନାମଧନ୍ୟ ଆଇନଜୀବୀ ଭାବେ ପରିଚିତ ହେବେ। ମୁଖ୍ୟ ଅତିଥି ମହାପାତ୍ରଙ୍କୁ ଜିଲା ଆଇନଜୀବୀ ସଂଘ ତରଫରୁ ସମ୍ମାନୀତ କରାଯାଇଥିଲା। ପରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସଭାପତି, ସାମାଜିକକର୍ମୀ ବିଭିନ୍ନ ସଂଗଠନ କର୍ମକର୍ତ୍ତାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ୟୁନିଅନ ଅଫ ଜର୍ନାଲିଷ୍ଟ ସଭାପତି ଦେବପ୍ରସାଦ ଦାସ, ବରିଷ୍ଠ ଖବରଦାତା ଗୋପିକୃଷ୍ଣ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା। ଦେବପ୍ରସାଦ ଦାସଙ୍କ ଅନୁପସ୍ଥିତିରେ ପ୍ରେମେନ୍ଦ୍ର ପରିଚ୍ଛା ଏହି ସମ୍ମାନ ଗ୍ରହଣ କରିଥିଲେ ।

# ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାସ୍ ଗଭର୍ଣ୍ଣିଂ ବଡି ବୈଠକ


ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଉଛି ।

କୋରୁକୋଣ୍ଡା,୩୦।୧୨ (ଶିବଦତ୍ତ ସାହୁ)

ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ପରିଚାଳନା ସଂସ୍ଥା ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଇନ୍‌ଚାର୍ଜ ସମ୍ବିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବୈଠକ ଡକାଯାଇଥିଲା। ଏହାର ମୂଳ ଉଦ୍ଦେଶ୍ୟ ହେଲା ବର୍ଷକୁ ୨ଥର ମେଡିକାଲ ପରିଚାଳନା ନିମନ୍ତେ ୭୫ ହଜାର ଲେଖାଏ ସରକାରୀ ଅନୁଦାନ ଆସୁଛି। ତେଣୁ ଏହି ଟଙ୍କାକୁ ମେଡିକାଲର କେଉଁ କେଉଁ ବାବଦରେ ଖର୍ଚ୍ଚ କରାଯିବ ସେନେଇ ଏକ ତାଲିକା ସର୍ବସମ୍ମୁଖରେ ପ୍ରଦାନ କରାଯାଇଥିଲା। ତେବେ ମେଡିକାଲରେ ବ୍ୟବହୃତ ହେଉଥିବା ଆବଶ୍ୟକ ଜିନିଷ ବିପି ମାପକ ମେଶିନ, ବ୍ୟାଟେରି, ପଙ୍ଖା, ଫିନାଇଲ, ବ୍ଲିଚିଂ ପାଉଡର, ଆଉଟଡୋର ରୋଗୀମାନଙ୍କ ନିମନ୍ତେ ବ୍ୟବହୃତ ହେଉଥିବା ଟୋକେନ କାଗଜ ଏହିପରି ବିଭିନ୍ନ ମାଧ୍ୟମରେ ଖର୍ଚ୍ଚ ହେଉଥିବା ଜଣାପଡ଼ିଥିଲା।

ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ଜନ ପ୍ରତିନିଧି ଏବଂ ଖବରଦାତା ଯୋଗ ଦେଇଥିବା ବେଳେ ମେଡିକାଲର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଯେପରିକି ପ୍ରତିଦିନ ଏହି ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩ ଶହରୁ ଊର୍ଦ୍ଧ୍ୱ ଆଉଟ୍‌ଡୋର ରୋଗୀ ଏବଂ ଇନ୍‌ଡୋର ରୋଗୀ ୧୦ରୁ ଊର୍ଦ୍ଧ୍ୱ ଦୈନିକ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଜିଲାର କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏତେ ରୋଗୀ ଦୈନିକ ଚିକିତ୍ସା ନିମନ୍ତେ ଆସୁ ନ ଥିବା ସୂଚନା ମିଳିଛି। ତଥାପି ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାରୁ ଏଠାକୁ କେବଳ ୩ ଡାକ୍ତର ଏବଂ ଜଣେ ଆୟୁଷ ଡାକ୍ତର ଦେଇ ସ୍ୱାସ୍ଥ୍ୟ ବିଭାଗ କାମଚଳା ନୀତି ଆପଣାଇଥିବା ଜନ ପ୍ରତିନିଧିମାନେ କହିଥିଲେ। ଏତେ ରୋଗୀ ଆସିବା ସତ୍ତ୍ୱେ ଶୌଚାଳୟ ନ ଥିବା ଆଲୋଚନା ହୋଇଥିଲା। ୬ ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ୍ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ରହିଛି । ବିଭିନ୍ନ ସମୟରେ ଶର୍ଟ ସର୍କିଟ ହେଉଥିବା କେତେଜଣ କର୍ମଚାରୀ ଅଭିଯୋଗ କରିଥିଲେ। ଏଥିସହ ଡାକ୍ତର, ଷ୍ଟାଫ୍ ନର୍ସ ଏବଂ ଫାର୍ମାସିଷ୍ଟଙ୍କ ଅଭାବ ହେତୁ ବର୍ତ୍ତମାନ କାର୍ଯ୍ୟରତ ଥିବା କେତେଜଣ କର୍ମଚାରୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁଛି ବୋଲି ଅଭିଯୋଗ ଆଣିଥିଲେ।

ବାଲିମେଳାରେ ପିଲା ଜନ୍ମ ହେଉ କିମ୍ବା ପରେ ତା'ର ଚିକିତ୍ସା ନିମନ୍ତେ କୌଣସି ବିଶେଷଜ୍ଞ ନ ଥିବାରୁ ଲୋକେ ମାଲକାନଗିରି ଯାଉଛନ୍ତି । ତେଣୁ ତୁରନ୍ତ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କୁ ଜଣାଇ ସପ୍ତାହର ୨ ଦିନ ଶିଶୁ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିବା ପାଇଁ ଚେଷ୍ଟା କରିବେ ବୋଲି ବିଧାୟକ ପ୍ରତିନିଧି ଇସାକ୍ ଖୋସ୍‌ଲା କହିଥିଲେ। କାର୍ଯ୍ୟକ୍ରମରେ ବାଲିମେଳା ନଗର ଉପାଧ୍ୟକ୍ଷା ରଶ୍ମିତା ବାଙ୍କା, ଭାଜପା ନେତା ଶୁଭେନ୍ଦୁ ପଟ୍ଟନାୟକ, ଆକାଉଣ୍ଟସ ମ୍ୟାନେଜର ଇନ୍ଦ୍ରଜିତ ଦାସ, ଆୟୁଷ ଡାକ୍ତର ଡି.ବୈଶାଳୀ,ଖବରଦାତା ଚନ୍ଦନ ବାରିକଙ୍କ ସମେତ ମେଡିକାଲର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ୫୨ ଅଭିଯୋଗ ଶୁଣିଲେ ଜିଲାପାଳ

## ଚିତ୍ରକୋଣ୍ଡା ବ୍ଲକ


ଚିତ୍ରକୋଣ୍ଡା ବ୍ଲକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

ଚିତ୍ରକୋଣ୍ଡା, ୩୦।୧୨ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସଦର ବ୍ଲକ ଚିତ୍ରଗିରି ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ ରଖିଥିଲେ। ମୁଖ୍ୟତଃ ଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡା ଗ୍ରାମର ସ୍ଥାନୀୟ ବାସିନ୍ଦା ମଣ୍ଡିରେ ଧାନ ପଡି ରହିଥିବା ଓ ଏହାକୁ ଉଠାଇ ନ ଥିବା ସମ୍ବନ୍ଧରେ ଅଭିଯୋଗ କରିଥିଲେ। ସେହିପରି ଅଦିନିଆ ବର୍ଷା ଯୋଗୁ ଧାନ ନଷ୍ଟହେବା ସମ୍ବନ୍ଧରେ ଅଭିଯୋଗ କରିଥିଲେ। ସେହିପରି ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରେ ଆବାସ ଯୋଜନାରେ ଘର ଦିଆଯିବା ପାଇଁ, ରାସ୍ତାଘାଟ, ପାନୀୟ ଜଳ ଓ ଗମନାଗମନ ସୁବିଧା ସହ ମେଡିକାଲ ସୁବିଧା ପାଇଁ ଅଭିଯୋଗ ହୋଇଥିଲା। ମୋଟ ୫୨ ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମାଲକାନଗିରି ଏସ୍‌ପି ବିବେକାନନ୍ଦ ଶର୍ମା, ଚିତ୍ରକୋଣ୍ଡା ବିଡିଓ ସ୍ମିତା କୁମାର, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡା ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବାଲିମେଳା ସହରର ସମସ୍ତ ଚର୍ଚ୍ଚରେ କ୍ୟାଣ୍ଡେଲ ଶୋଭାଯାତ୍ରା

କୋରୁକୋଣ୍ଡା,୩୦।୧୨ (ଶିବଦତ୍ତ ସାହୁ)


କ୍ୟାଣ୍ଡେଲ ଶୋଭାଯାତ୍ରାରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଓ ଅନ୍ୟମାନେ ।

ବାଲିମେଳା ସହରରେ ବାସକରୁଥିବା ସମସ୍ତ ଖ୍ରୀଷ୍ଟଧର୍ମାଲମ୍ବୀ ଭଉଣୀଭାଇମାନଙ୍କ ମନରେ ଉତ୍ସାହ ଦେଖାଦେଇଛି। ରଙ୍ଗବେରଙ୍ଗ ଆଲୋକରେ ଝଲସିଉଠୁଛି ବାଲିମେଳା ସହରରେ ଥିବା ଆଇଏମ୍‌ଏସ୍‌ଟି ଇମାନୁଏଲ, ଜେଇଏଲ୍‌ସି, ବେରସେବା ଓ ବାଇବେଲ ମିଶନ ଚର୍ଚ୍ଚ। ଡିସେମ୍ବର ୨୫ରେ ଜନ୍ମନେଇଛନ୍ତି ଯିଶୁ। ଏହିଦିନଠାରୁ ନୂତନ ବର୍ଷ ପାଳନ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଚର୍ଚ୍ଚରେ ସ୍ୱତନ୍ତ୍ର ପ୍ରାର୍ଥନା ସହ ଯିଶୁଙ୍କ ଜନ୍ମର ପୂର୍ବାପର ଘଟଣା ସମ୍ପର୍କରେ ଆଶ୍ରିତମାନଙ୍କୁ ଅବଗତ କରାଯାଇଥାଏ। ଏଥି ନିମନ୍ତେ ରବିବାର ରାତିରେ ବାଲିମେଳା ସହରରେ ଥିବା ସମସ୍ତ ଚର୍ଚ୍ଚର ମିଳିତ ଆନୁକୂଲ୍ୟରେ ଏକ ବିରାଟ କ୍ୟାଣ୍ଡେଲ ଶୋଭାଯାତ୍ରା ନୂଆସାହି ସ୍ଥିତ ବେରସେବା ଚର୍ଚ୍ଚରୁ ବାହାରି ଶତାଧିକ ଭଉଣୀଭାଇ କ୍ୟାଣ୍ଡେଲ ଧରି ଯିଶୁଙ୍କ ଗୀତ ଗାଇ ସହର ପରିକ୍ରମା କରିଥିଲେ । ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗଦେଇଥିଲେ। ତାଙ୍କ ସହ ବାଲିମେଳା ଏନ୍‌ଏସିର ବିଧାୟକ ପ୍ରତିନିଧି ଇସାକ୍ ଖୋସ୍‌ଲା, ବରିଷ୍ଠ ନାଗରିକ ରାଜେନ୍ଦ୍ର କୁଳଦୀପଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ସାମିଲ ହୋଇଥିଲେ।

# ପାଚିକା ପ୍ରଶିକ୍ଷଣ ଶିବିର


ଶିବିରରେ ପାଚିକାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

କୋରାପୁଟ,୩୦।୧୨ (ଅମିତାଭ ବେହେରା)

କୋରାପୁଟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଣ୍ଡଳ ଶିକ୍ଷା ବିଭାଗ ପକ୍ଷରୁ ପିଏମ୍ ପୋଷଣ ଯୋଜନା ଅନ୍ତର୍ଭୁକ୍ତ ପାଚିକା ତଥା ସହାୟିକାଙ୍କ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନିଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ପାଚିକା ତଥା ସହାୟିକାମାନଙ୍କୁ ମଧ୍ୟାହ୍ନ ଭୋଜନକୁ ପୁଷ୍ଟିଯୁକ୍ତ କରିବା,ସୁରକ୍ଷିତ ରଖିବା,ରୋଷେଇ,ଆଖପାଖକୁ ପରିଷ୍କାର ପରିଚ୍ଛନ୍ନ ରଖିବା,ରୋଷେଇ ଏବଂ ପିଲା ଖାଇବା ସମୟରେ ଆପ୍ରୋନ୍ ଓ ଟୋପି ପିନ୍ଧିବା ନେଇ ଆଲୋଚନା ହୋଇଥିଲା। ମଙ୍ଗଳବାର ପୁଣି ବିଦ୍ୟାଳୟରେ ଅନ୍ୟ ପାଚିକା ତଥା ସହାୟିକାମାନଙ୍କୁ ତାଲିମ ଦିଆଯିବ ବୋଲି ସହାୟକ ମଣ୍ଡଳ ଶିକ୍ଷାଧିକାରୀ ଶିବପ୍ରସାଦ ରଥ ସୂଚନା ଦେଇଛନ୍ତି। ପାଚିକାମାନଙ୍କ ମଧ୍ୟରେ ରନ୍ଧନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଓ ସେମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଶିବିରରେ ସହାୟକ ମଣ୍ଡଳ ଶିକ୍ଷାଧିକାରୀ ଜସନ ବେହେରା,ସିଆର୍‌ସିସି ପ୍ରଦୀପ କୁମାର ପାତ୍ର,ହରପ୍ରସାଦ ମିଶ୍ର, ଲାବନ୍ୟା ରେଖା ମାଝୀ, ମନୋଜ ଦାସ, ରୁମାନି ପ୍ରଧାନ ଓ ସୁଜିତ୍ ପଲେଇ ପ୍ରମୁଖ ପରିଚାଳନା କରିଥିଲେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ଜୟପୁର,୩୦।୧୨ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଫାମ୍ପୁଣିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ମନୋଜ ନାୟକ, ଜିପଡିଓ ଭାଗିରଥି ନାୟକ, ବ୍ଲକ୍ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ୍ ନିଶା, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ଏପିଓ ସନ୍ତୋଷି ମହାପାତ୍ର, ସରପଞ୍ଚ ଓ ଅନ୍ୟ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଅଧିକାରୀମାନଙ୍କୁ ରାସ୍ତା ମରାମତି, ଡ୍ରେନ ସଫେଇ ଓ ଆବାସ ଯୋଜନାରେ ସାମିଲ ଆଦି ଅଭିଯୋଗ ଜଣାଇଥିଲେ।

# ୩ ନିଖୋଜ ନାବାଳକ ହାଇଦ୍ରାବାଦରୁ ଉଦ୍ଧାର

ପଟାଙ୍ଗି,୩୦।୧୨ (ଶରତ ଧଳ)

କୋରାପୁଟ ଜିଲା ପଟାଙ୍ଗି ବ୍ଲକ୍ ସଦର ମହକୁମାସ୍ଥିତ ବଡଗାଁ ଗ୍ରାମର ୩ ନିଖୋଜ ନାବାଳକ ହାଇଦ୍ରାବାଦରୁ ସୋମବାର ଉଦ୍ଧାର ହୋଇଛନ୍ତି। ଉକ୍ତ ଗ୍ରାମର ନଟ ନାରାଜୀ, ଗୌରୀ ପାଲି ଏବଂ କେ. ରଞ୍ଜନ(ମଣ୍ଟୁ)ଙ୍କ ୩ ପୁଅ ନିଖୋଜ ଥିଲେ। ୩ ନାବାଳକ କାହିଁକି ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟ ହାଇଦ୍ରାବାଦକୁ ଯାଇଥିଲେ ସେମାନେ ଫେରିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସୀମାନ୍ତ ସ୍ଥାନ ଓ ଅନ୍ୟ ରାଜ୍ୟକୁ ଯାଉଥିବା ବସ୍ ଓ ଟ୍ରେନ୍‌ଗୁଡିକକୁ ଠିକ୍ ଭାବେ ଯାଞ୍ଚ କରାଗଲେ ଦାଦନ ଶ୍ରମିକ ଚାଲାଣ କ୍ଷେତ୍ରରେ ଅନେକ ସୁଧାର ଆସିବ ବୋଲି ମତ ପ୍ରକାଶ ପାଇଛି।

# ଗଞ୍ଜେଇ ଚାଲାଣ ମାମଲାରେ ୨ ଗିରଫ

ଜୟପୁର,୩୦।୧୨ (ପବନ ପାଣିଗ୍ରାହୀ)

ଗଞ୍ଜେଇ ଚାଲାଣ ମାମଲାରେ ୨ ଅଭିଯୁକ୍ତଙ୍କୁ ଜୟପୁର ଟାଉନ ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ କେରଳର ମହମ୍ମଦ ଅଜମଲ(୨୬) ଓ ନଇଫୁଲ ନାଜାର(୩୪)। ଉଭୟ ଲମତାପୁଟରୁ ଗଞ୍ଜେଇ ଆଣି ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡରେ ବିଶାଖାପାଟଣା ବସ୍‌କୁ ଅପେକ୍ଷା କରିଥିବା ବେଳେ ଚଢ଼ାଉ କରାଯାଇଥିଲା। ସେମାନଙ୍କ ୨ ବ୍ୟାଗ୍‌ରୁ ୨୧ କେଜି ଗଞ୍ଜେଇ ଜବତ କରାଯାଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ଋଣ ନାଁ'ରେ ଆର୍ଥିକ ଅନିୟମିତତା ଅଭିଯୋଗ

## ପ୍ରଶାସନର ଦ୍ୱାରସ୍ଥ ହେଲେ ମହିଳା

ଜୟପୁର,୩୦।୧୨ (ପବନ ପାଣିଗ୍ରାହୀ)


ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ଦେବାକୁ ଆସିଥିବା ଅଭିଯୋଗକାରୀ ରୀନା ଜାନୀ।

ଜୟପୁର ସହରର ଭାରତ ମାଇକ୍ରୋ ଫାଇନାନ୍ସ କମ୍ପାନୀ ଲୋକଙ୍କୁ ଋଣ ନା'ରେ ଟାର୍ଗେଟ କରି ଆର୍ଥିକ ଅନିୟମିତତା କରୁଥିବା ଅଭିଯୋଗରେ ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ମହିଳା ସୋମବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜୟପୁର ଏକମ୍ବା ପଞ୍ଚାୟତ ଡୁମୁରୀଆଗୁଡା ଅଞ୍ଚଳର ରୀନା ଜାନୀ ୨୦୧୮ରେ ଏକ ଗ୍ରୁପ ଲୋନ୍ ଭାରତ ଫାଇନାନ୍ସରେ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଇଣ୍ଡୁସାଣ୍ଡ ବ୍ୟାଙ୍କ ପକ୍ଷରୁ ୨୭ ହଜାର ଟଙ୍କା ଋଣ ପ୍ରଦାନ କରିଥିଲେ। କରୋନା ପରବର୍ତ୍ତୀ ସମୟରେ ସମସ୍ତ ଟଙ୍କା ସୁଧ ସହ ପୈଠ କରିଦେଇଥିଲେ ମଧ ଇଣ୍ଡୁସାଣ୍ଡ ବ୍ୟାଙ୍କରେ ଋଣ ଶୁଝି ନ ଥିବା ପରିଲକ୍ଷିତ ହେଉଛି। ଫଳରେ ମହିଳାମାନେ ବାରମ୍ବାର ଫାଇନାନ୍ସ କମ୍ପାନୀର ଦ୍ୱାରସ୍ଥ ହେଲେ ମଧ କୌଣସି ଫଳ ମିଳିନାହିଁ। କମ୍ପାନୀ କର୍ତ୍ତୃପକ୍ଷ ଭୁଲ ତଥ୍ୟ ପ୍ରଦାନ କରୁଛନ୍ତି ବୋଲି ଉପଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଭାରତ ଫାଇନାନ୍ସ କମ୍ପାନୀର ଜଗନ୍ନାଥ ଦାସ ଜାଣିଶୁଣି ଏହିପରି କାର୍ଯ୍ୟ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ରୀନା ଜାନୀଙ୍କ ଇଣ୍ଡୁସାଣ୍ଡ ବ୍ୟାଙ୍କରେ ଏକାଉଣ୍ଟ ନ ଥିଲେ ସୁଦ୍ଧା ସେଠାରୁ ସେ ଟଙ୍କା ଲୋନ୍ ନେଇଥିବା ସିଭିଲ ରିପୋର୍ଟରେ ଦେଖାଉଛି ବୋଲି ଅଭିଯୋଗ କରିଛନ୍ତି। ବ୍ୟାଙ୍କକୁ ଯାଇ ସେ ଷ୍ଟେଟ୍‌ମ୍ୟାଣ୍ଟ ମାଗିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ୧୯ ଫେବୃଆରୀରେ ୧୬,୬୫୭ ଏବଂ ଜୁନ୍ ୪ରେ ୬, ୭୫୩ ଟଙ୍କା ଫୁଲ ଓ ଗାଈ ବ୍ୟବସାୟ ପାଇଁ ୨୩,୪୧୦ ଟଙ୍କା ଋଣ ଦିଆଯାଇଛି ବୋଲି ଜଣାଇଥିଲେ। ଷ୍ଟେଟମ୍ୟାଣ୍ଟ ଦେଖିବା ପରେ ସେ କୌଣସି ଋଣ ନେଇ ନାହାନ୍ତି, କେବଳ ମିଥ୍ୟା ଭୋଟ, ଆଧାରକାର୍ଡ ଓ ଫିଙ୍ଗର ପ୍ରିଣ୍ଟ ନେଇ ଏହା ଭାରତ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ କରିଛନ୍ତି ଓ ଏଥିରେ ଅଧିକାଂଶ ଆଦିବାସୀ ମହିଳା ଶିକାର ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ମାଇକ୍ରୋ ଫାଇନାନ୍ସର ଅନେକ କାର୍ଯ୍ୟାଳୟ ଖୋଲିବା ସହ ମହିଳା ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ନା'ରେ ଠକୁଛନ୍ତି। ଆରବିଆଇ ଗାଇଡଲାଇନ୍‌କୁ ସମ୍ପୂର୍ଣ୍ଣ ଅଣଦେଖା କରି କମ୍ପାନୀ ମହିଳା ଗୋଷ୍ଠୀଙ୍କୁ ଆର୍ଥିକ ଶୋଷଣ କରୁଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଭାରତ ମାଇକ୍ରୋ ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକ ମଣ୍ଟୁ ନାମେଲପୁରିଙ୍କୁ ପଚାରିବାରୁ ମହିଳା ଜଣଙ୍କ ୨୦୧୮ରେ ଋଣ ନେଇଥିଲେ ଏବଂ ତାହା ଶୁଝି ନ ଥିବା ତଥ୍ୟ ହିଁ ଦର୍ଶାଉଛି ବୋଲି କହିଛନ୍ତି।

# ଆଇସ୍‌କ୍ରିମ୍ ବ୍ୟବସାୟୀଙ୍କୁ ଖଣ୍ଡା ଦେଖାଇ ଲୁଟ୍

ଜୟପୁର, ୩୦।୧୨ (ପବନ ପାଣିଗ୍ରାହୀ)

ଜୟପୁରରେ ଉତ୍ତର ପ୍ରଦେଶର ଆଇସ୍‌କ୍ରିମ ବିକ୍ରି କରୁଥିବା ଜଣେ ବ୍ୟବସାୟୀଙ୍କୁ ଖଣ୍ଡା ଦେଖାଇ ଲୁଟ୍ କରାଯାଇଥିବା ସୋମବାର ଅଭିଯୋଗ ହୋଇଛି। ବ୍ୟବସାୟୀ କେନାଲ ରୋଡ୍ ଦେଇ ଫେରୁଥିବା ବେଳେ ଯମୁନାଗୁଡ଼ା ନିକଟରେ ୩ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ଖଣ୍ଡା ଦେଖାଇ ମୋବାଇଲ ଓ ଟଙ୍କା ଲୁଟ କରିଥିବା ଭିଡିଓ ଭାଇରାଲ ହୋଇଛି।

# ସାମାଜିକ କର୍ମୀଙ୍କ ପରଲୋକ

ଜୟପୁର,୩୦।୧୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଆବହାକ ତଥା ନବରଙ୍ଗପୁର ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ସାମାଜିକ କର୍ମୀ ଅଶୋକ ମିଶ୍ରଙ୍କ ରବିବାର ପରଲୋକ ହୋଇଯାଇଛି। ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ଜିଲା ଆବାହକ ଭାବେ ବିଭିନ୍ନ ସମୟରେ ଅବିଭକ୍ତ କୋରାପୁଟ ଜିଲାରେ ସଙ୍ଗଠନର କାର୍ଯ୍ୟକ୍ରମ କରିବା ପାଇଁ ଜନ ଅଭିଯୋଗ ଶିବିର ଓ ପରବର୍ତ୍ତୀ କାର୍ଯ୍ୟକ୍ରମରେ ସେ ନିୟୋଜିତ ହୋଇଥିଲେ। ତାଙ୍କର ଅକାଳ ବିୟୋଗରେ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନର ରାଜ୍ୟ କମିଟି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

# ଶାବର ଶ୍ରୀକ୍ଷେତ୍ରରେ ପହଞ୍ଚିଲା ଶାଳଗ୍ରାମ

କୋରାପୁଟ,୩୦।୧୨ (ଅମିତାଭ ବେହେରା)

କୋରାପୁଟ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଶାଳଗ୍ରାମ ପହଞ୍ଚିଛି। ଗଞ୍ଜାମର ପି. ଗୋପାଳ କ୍ରିଷ୍ଣା ଏହାକୁ ଦାନ କରିଛନ୍ତି। କୋରାପୁଟରେ ପହଞ୍ଚିବା ପରେ ସ୍ଥାନୀୟ ଅତିଥି ଭବନରୁ ଭଜନ କୀର୍ତ୍ତନକରି ଶାଳଗ୍ରାମକୁ ଜଗନ୍ନାଥ ମନ୍ଦିରରେ ଯାଏ ନେବା ପରେ ସେଠାରେ ମନ୍ଦିରର ମୁଖ୍ୟ ପୂଜାରୀ ନରି ଶତପଥୀଙ୍କ ଦ୍ୱାରା ପୂଜାଅର୍ଚ୍ଚନାକରି ମନ୍ଦିରରେ ରଖାଯାଇଛି। ଭକ୍ତମାନଙ୍କ ଦର୍ଶନ ପାଇଁ ମନ୍ଦିର ପରିସରର ଏକ ସ୍ଥାନରେ ଶାଳଗ୍ରାମ ରଖାଯିବ ବୋଲି ପରିଚାଳନା କମିଟି ସଦସ୍ୟ ଭବାନୀ ଶଙ୍କର ଆଚାର୍ଯ୍ୟ କହିଛନ୍ତି।


ମନ୍ଦିରକୁ ଶାଳଗ୍ରାମ ନିଆଯାଉଛି ।

# ମଦ ବିକ୍ରି ବନ୍ଦ କରିବାକୁ ଏସ୍‌ପିଙ୍କୁ ଘେରିଲେ ମହିଳା

## ଜିଲା ପ୍ରଶାସନକୁ ଅଭିଯୋଗପତ୍ର ପ୍ରଦାନ

କୋରାପୁଟ,୩୦।୧୨ (ଅମିତାଭ ବେହେରା)



ସ୍ୱୟଂ ସହାୟକ ମହିଳାମାନେ କୋରାପୁଟ ଏସ୍‌ପି ରୋହିତ ବର୍ମାଙ୍କ ସହ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲାର ଜୟପୁର ବ୍ଲକ୍‌ର ଟାଙ୍କୁଆ ପଞ୍ଚାୟତରେ ସମ୍ପୂର୍ଣ୍ଣ ମଦ ବନ୍ଦ କରିବା ନେଇ ଜିଲାସ୍ତରୀୟ ଅଭିଯୋଗ ଶୁଣାଣିକୁ ଆସିଥିବା ସ୍ୱୟଂ ସହାୟକ ମହିଳାମାନେ ସୋମବାର ଏସ୍‌ପି ରୋହିତ ବର୍ମାଙ୍କୁ ଘେରିଛନ୍ତି। ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଚାଲିଥିବା ଶୁଣାଣିରେ ଜୟପୁର ବ୍ଲକ୍ ଟାଙ୍କୁଆ ପଞ୍ଚାୟତର ମା' ତାରିଣୀ, ମା' ମଙ୍ଗଳା ଓ ନଡ଼ିଆରାଣୀ ଆଦି ସ୍ୱୟଂ ସହାୟକ ମହିଳା ପହଞ୍ଚି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏସ୍‌ପି ବର୍ମା କୌଣସି କାର୍ଯ୍ୟରେ ଯାଉଥିବା ବେଳେ ମହିଳାମାନେ ତାଙ୍କୁ ଘେରାଉକରିବା ସହ ପଞ୍ଚାୟତରେ ଅବାଧରେ ଏବଂ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ଚାଲିଥିବାରୁ ପିଲାମାନେ ଅଧ୍ୟୟନ ଛାଡ଼ି ମଦ୍ୟପାନକରି ଭବିଷ୍ୟତ ଅନ୍ଧକାର ଆଡକୁ ଟାଣିନେଉଛନ୍ତି। ମଦ୍ୟପାନ ଯୋଗୁ ଘରୋଇ ହିଂସା ବୃଦ୍ଧିପାଇବା ଓ ବର୍ଷକ ମଧ୍ୟରେ ମଦ ପିଇ ୭ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ମଦ ବିକ୍ରି ବନ୍ଦ ନ ହେଲେ ବାଧହୋଇ ଆଇନ ହାତକୁ ନେବୁ ଏବଂ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ମହିଳାମାନେ କହିଥିଲେ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଚଢ଼ାଉ କରାଯାଇ ବେଆଇନ ମଦ ବିକ୍ରିକୁ ବନ୍ଦ କରିବାକୁ ଏସ୍‌ପି ବର୍ମା ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବିମଳା ଗୌଡ଼, ରାଜଶ୍ରୀ ପାଣିଗ୍ରାହୀ, ଗୌରୀ ପାଲମା, ସବିତା ଗୋଲରି, ଯମୁନା ମାଝୀ, ସୁନାମଣି ଭୂମିଆ, ହସବତୀ ଗୌଡ଼, ଜୟନ୍ତୀ ଗୌଡ଼, ପୂର୍ଣ୍ଣିମା ସାହୁ, ନବୀନା ଗୌଡ଼ ଓ ରାଧା ଫାଲମା ଉପସ୍ଥିତ ଥିଲେ।

# ପୌର ପରିଷଦ କାର୍ଯ୍ୟାଳୟରେ ତାଲା ପକାଇଲେ ଅଧ୍ୟକ୍ଷା, କାଉନସିଲର

**ଉମରକୋଟ, ୩୦।୧୨ (ସନ୍ତୋଷ ଶତପଥୀ)**

ସ୍ଥାୟୀ ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ଦାବିରେ ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ଠୁଙ୍କି ଧାରଣାରେ ବସିଥିଲେ ପୌର ଅଧ୍ୟକ୍ଷାଙ୍କ ସହ କେତେଜଣ କାଉନସିଲର। ପୌର ଅଧ୍ୟକ୍ଷା ରାଧା ଭତ୍ରାଙ୍କ ସହ କେତେଜଣ କାଉନସିଲର ସୋମବାର ମଧ୍ୟାହ୍ନ ୧୨ରୁ ଅପରାହ୍ନ ୩ଟା ଯାଏ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିବା ଯୋଗୁ ଦୀର୍ଘ ୩ ଘଣ୍ଟା ଧରି କାର୍ଯ୍ୟାଳୟ ବନ୍ଦ ରହିଥିଲା। ନବରଙ୍ଗପୁର ପିଡି ମୋବାଇଲ ଯୋଗେ ଅଧ୍ୟକ୍ଷା ରାଧାଙ୍କ ସହ କଥା ହୋଇ ସୋମବାର ସନ୍ଧ୍ୟା ସୁଦ୍ଧା ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯିବ ଓ ମଙ୍ଗଳବାର ସେମାନେ ଉମରକୋଟ ପୌର କାର୍ଯ୍ୟାଳୟରେ ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅଧ୍ୟକ୍ଷା ଓ କାଉନସିଲରମାନେ ତାଲା ଖୋଲି ଧାରଣାରୁ ଓହରିଥିଲେ।

ଗତ ୧୫ ଦିନ ତଳେ ଉମରକୋଟ ପୌର ପରିଷଦର ଅଧ୍ୟକ୍ଷା ଭତ୍ରାଙ୍କ ସହ ବହୁ କାଉନସିଲର ନବରଙ୍ଗପୁର ଜିଲାପାଳଙ୍କ ସହ ସୌଜନ୍ୟମୂଳକ ସାକ୍ଷାତକରି ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ନିଯୁକ୍ତି ଦେବା ପାଇଁ ଅନୁରୋଧ କରିଥିଲେ। ଦିନକ ମଧ୍ୟରେ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିଯୁକ୍ତି ନ ହେବାରୁ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେବାକୁ ବାଧ୍ୟହେଲୁ ବୋଲି ଅଧ୍ୟକ୍ଷା ଭତ୍ରା କହିଛନ୍ତି। ଅଧ୍ୟକ୍ଷା ଓ କାଉନସିଲରଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ହେଲା ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟରେ ନିୟମିତ ସହକାରୀ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ ଏବଂ ୨ ଜଣ କନିଷ୍ଠ ଯନ୍ତ୍ରୀଙ୍କ ବଦଳରେ ଜଣେ କନିଷ୍ଠ ଯନ୍ତ୍ରୀ ରହିଛନ୍ତି। ଫଳରେ ନୂତନ ଟେଣ୍ଡର କରାଯାଇପାରୁନାହିଁ କି କାମ ସରିଥିଲେ ମଧ୍ୟ ଠିକାଦାରଙ୍କ ବିଲ୍ ହୋଇପାରୁନାହିଁ। ସେହିପରି ନୂତନ କାମ ପାଇଁ ଏଷ୍ଟିମେଟ ମଧ୍ୟ ହୋଇପାରୁନାହିଁ। ଫଳରେ ଠିକାଦାରମାନେ କାମ ସମ୍ପୂର୍ଣ୍ଣକରି ବିଲ୍ ନ ପାଇ ନାନା ହଇରାଣର ସମ୍ମୁଖୀନ ହେଉଛନ୍ତି। ଏଥିସହ ଏହି କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀଙ୍କ ବାରମ୍ବାର ବଦଳି ଯୋଗୁ ନୂତନ ଭାବେ ଆସିଥିବା ଅଧିକାରୀ କିଛି ବୁଝିବା ପୂର୍ବରୁ ତାଙ୍କୁ ବଦଳି କରିଦିଆଯାଉଛି । ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେବା ସହ ଉନ୍ନୟନ କାର୍ଯ୍ୟ ମଧ୍ୟ ସୁଚାରୁ ରୂପେ ହୋଇପାରୁନାହିଁ ବୋଲି ସେମାନେ କହିଛନ୍ତି। ମଙ୍ଗଳବାର ସୁଦ୍ଧା ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପୌର ପରିଷଦ କାର୍ଯ୍ୟାଳୟରେ ଯୋଗଦାନ ନ କରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ଠୁଙ୍କିବା ସହ ଧାରଣାରେ ବସିବେ ବୋଲି ଅଧ୍ୟକ୍ଷା ରାଧା ଭତ୍ରା, କାଉନସିଲର ତପନ କୁମାର ଦେବନାଥ, ମୁନା ପାଢ଼ୀ ଓ ମନୋଜ କୁମାର ନାୟକ ଓ ଟିଉ ପାତ୍ର, ନିଲମ ହରିଜନ, ସଞ୍ଜୟ ସରକାର, କନକଲତା ନାୟକ ପ୍ରମୁଖ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି।


ପୌର ଅଧ୍ୟକ୍ଷାଙ୍କ ସହ କିଛି କାଉନସିଲର ପୌର ପରିଷଦ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି।

**ସ୍ଥାୟୀ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ଦାବି**

# ଧାନବସ୍ତା ରଖି ରାସ୍ତାରୋକୋ, ଗାଡ଼ି ଚଳାଚଳ ଠପ୍


ଚାଷୀ ରାସ୍ତାରୋକୋକରି ପ୍ରତିବାଦ କରୁଛନ୍ତି।

**କୋଷାଗୁମୁଡ଼ା,୩୦।୧୨ (ପ୍ରସାଦ ବିଶୋୟୀ)**

**ମଣ୍ଡି ଅବ୍ୟବସ୍ଥା ନେଇ ତାତିଲେ ଚାଷୀ**

ମଣ୍ଡିରେ ଅବ୍ୟବସ୍ଥା ଏବଂ କଟ୍ନି ଛଟ୍ନି ବିବାଦରୁ ଉଠିପାରୁନି ଚାଷୀଙ୍କ ଧାନ,ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଚାଷୀ । ମଣ୍ଡିରେ ଧାନ କିଣା ନ ଯିବାକୁ ବିରୋଧକରି ସୋମବାର ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ରାଜୋଡ଼ା ଅଞ୍ଚଳର ଚାଷୀ କୋଷାଗୁମୁଡ଼ା-ନବରଙ୍ଗପୁର ଭାୟା ମୋଦେଇଗାଁ ମୁଖ୍ୟ ରାଜରାସ୍ତାରେ ଧାନବସ୍ତା ରଖି ପ୍ରତିବାଦ କରିଥିଲେ। ରାଜରାସ୍ତା ଉପରେ ଧାନବସ୍ତା ରଖି ଘଣ୍ଟା ଘଣ୍ଟା ଧରି ରାସ୍ତାରୋକୋ କରିବା ଯୋଗୁ ଚକଅଖ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଶେଷରେ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନାକରି ମଙ୍ଗଳବାର ସୁରୁଖୁରୁରେ ଧାନ ଉଠିବ ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିବା ସହ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

କୋଷାଗୁମୁଡ଼ା ଲ୍ୟାମ୍ପସ ରାଜୋଡ଼ା ମଣ୍ଡିରେ ଦୀର୍ଘଦିନ ହେଲା ୨୪୫ଜଣ ଚାଷୀଙ୍କ ୨୩୭୬୧ ବସ୍ତା ଧାନ ବିକ୍ରି ନ ହୋଇ ଶୀତ କାକରରେ ପଡି ରହିଛି। ମିଲର ଓ ଚାଷୀଙ୍କ ମଧ୍ୟରେ ଲାଗି ରହିଥିବା କଟ୍ନି ଛଟ୍ନି ବିବାଦରୁ ଚାଷୀଙ୍କ ଧାନ ଉଠିପାରୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀ ବହୁବାର ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ କେହି କର୍ଣ୍ଣପାତ ନ କରିବାରୁ ସୋମବାର ଚାଷୀ ବାଧ୍ୟହୋଇ ପୂର୍ବାହ୍ନ ୧୧ଟାରେ କୋଷାଗୁମୁଡ଼ା-ନବରଙ୍ଗପୁର ଭାୟା ମୋଦେଇଗାଁ ମୁଖ୍ୟ ରାଜରାସ୍ତା ଅବରୋଧ କରିବାରୁ ଗାଡ଼ିମୋଟର ବନ୍ଦ ରହିବା ସହ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ରହିଥିଲା। ଶେଷରେ ପ୍ରଶାସନ ତରଫରୁ ନବରଙ୍ଗପୁର ଅତିରିକ୍ତ ସିଏସ୍ଓ ମିଳନ କୁମାର ମାଝୀ, ସହକାରୀ ସିଏସ୍ଏସ୍ଓ ପୂର୍ଣ୍ଣେନ୍ଦୁ ଦାସ, କୋଷାଗୁମୁଡ଼ା ଯୋଗାଣ ନିରୀକ୍ଷକ, କୋଷାଗୁମୁଡ଼ା ଲ୍ୟାମ୍ପସ ପରିଚାଳକ, ମିଲର୍ସ ସଂଘ ସଭାପତି ପ୍ରତିବାଦସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନାକରି ମଙ୍ଗଳବାର ସୁରୁଖୁରୁରେ ଧାନ କିଣାଯିବା ସହ ଧାନ ଉଠିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ନରସିଂହ ନିଖିଳ ଓଡ଼ିଶା ଆଇନଜୀବୀ ପରିଷଦ ଉପସଭାପତି

**ନବରଙ୍ଗପୁର,୩୦।୧୨ (ସଦାଶିବ ପ୍ରହରାଜ)**

ନିଖିଳ ଓଡ଼ିଶା ଆଇନଜୀବୀ ପରିଷଦର ରାଜ୍ୟ ଉପସଭାପତି ଭାବେ ନବରଙ୍ଗପୁର ଜିଲା ଓକିଲ ସଭାପତି ନରସିଂହ ତ୍ରିପାଠୀ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି । ମାଲକାନଗିରିଠାରେ ୨ଦିନ ଧରି ଆୟୋଜିତ ୫୩ତମ ରାଜ୍ୟ ଅଧିବେଶନର ଦ୍ୱିତୀୟ ଦିନରେ ନିଜର କର୍ତ୍ତବ୍ୟନିଷ୍ଠା ତଥା ବଳିଷ୍ଠ ନେତୃତ୍ୱର ପରାକାଷ୍ଠା ଯୋଗୁ ରାଜ୍ୟ ନେତୃବୃନ୍ଦ ନରସିଂହଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କ ଉପରେ ଏହି ଗୁରୁଦାୟିତ୍ୱ ଦେଇଛନ୍ତି। ଏଥିରେ ସଭାପତି ଭାବରେ ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର ସଭାପତି ଭାବରେ ସର୍ବସମ୍ମତିକ୍ରମେ ମନୋନୀତ କରାଯିବା ସହ ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ନରସିଂହ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହକରି ସଂଘର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ଖବର ଶୁଣିବା ପରେ ତାଙ୍କର ଶୁଭେଚ୍ଛୁ ତଥା ନବରଙ୍ଗପୁର ଜିଲାବାସୀ ଶୁଭେଚ୍ଛା ଜଣାଇଛନ୍ତି।


ଆଇନଜୀବୀ ନରସିଂହ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଉଛି।

# ପ୍ରଶାସନ ଶୁଣିଲାନି, ଗ୍ରାମବାସୀ ତିଆରି କଲେ ରାସ୍ତା

**ପାପଡାହାଣ୍ଡି, ୩୦।୧୨ (ସ୍ୱପ୍ନଜିତ ପଟ୍ଟନାୟକ )**

ଗାଁ ବସିବାର ୩୦ ବର୍ଷ ପରେ ବି ହୋଇପାରିଲା ନାହିଁ ପକ୍କାରାସ୍ତା । ଜଙ୍ଗଲିଆ ପାଦଚଲା ରାସ୍ତାରେ ବହୁ ଦୟନୀୟ ଅବସ୍ଥାରେ ଯାତାୟାତ କରୁଥିଲେ ଗ୍ରାମବାସୀ। ଗର୍ଭବତୀ ଓ ରୋଗୀ ସବୁବେଳେ ଖଟିଆରେ ବୁହାହୋଇ ଆସୁଥିଲେ। ରାସ୍ତା ନିର୍ମାଣ ଲାଗି ପ୍ରଶାସନ ନିକଟରେ ବାରମ୍ବାର ଦାବିସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ବାଧ ହୋଇ ୩୫ ପରିବାର ଏକତ୍ରିତ ହୋଇ ନିଜସ୍ୱ ଉଦ୍ୟମରେ ୧ କି.ମି. ରାସ୍ତା ତିଆରିକରି ଦେଖାଇଛନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି ପାପଡ଼ାହାଣ୍ଡି ବ୍ଲକ୍ ଘାଟଗୁଡା ପଞ୍ଚାୟତ ଶିରାଗୁଡ଼ାଠାରେ।

୩୦ ବର୍ଷ ତଳେ ଜଙ୍ଗଲ ଜମିରେ ଗଢ଼ି ଉଠିଥିଲା ଶିରାଗୁଡା ଗାଁ । ଏହି ଗ୍ରାମକୁ ଯିବାକୁ ହେଲେ କାଙ୍ଗମାଝୀଗୁଡା ରାସ୍ତାରୁ ୨କି.ମି. ଜଙ୍ଗଲିଆ ପାଦଚଲା ରାସ୍ତା ରହିଛି। ଭଲ ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସିପାରୁନାହିଁ। ତେଣୁ ଖଟିଆରେ ବୁହାହୋଇ ରୋଗୀ କାଙ୍ଗମାଝୀଗୁଡା ରାସ୍ତାରେ ପହଞ୍ଚିବା ପରେ ଗାଡ଼ିରେ ମେଡିକାଲ ପହଞ୍ଚିଥାନ୍ତି । ଉକ୍ତ ପାଦଚଲା ରାସ୍ତା ଦେଇ ଛାତ୍ରୀଛାତ୍ର କାଙ୍ଗମାଝୀଗୁଡା ବିଦ୍ୟାଳୟକୁ ଯିବାଆସିବା କରିଥାନ୍ତି। ପକ୍କାରାସ୍ତା ଲାଗି ପ୍ରଶାସନଠୁ ଆରମ୍ଭକରି ଜନ ପ୍ରତିନିଧିଙ୍କୁ ଜଣାଇଥିଲେ ମଧ୍ୟ କେହି କିଛି ପଦକ୍ଷେପ ନେଇ ନ ଥିବା ଗ୍ରାମର ମୋହନ ଗୌଡ଼, ସାମ ପାଇକ, ପବିତ୍ର ଜାନୀ, ଜାଇରମ ଜାନୀ, ଦୈତାରୀ ପାଇକ, ମୁରଲୀ ଧାକଡ଼, ସଦନ ଗୌଡ଼, ପିତ ପାଇକ, ଶ୍ୟାମ ଭତରା, ମଙ୍ଗରି ଜାନୀ, ଡାଳିମ୍ବ ଜାନୀ, ଫୁଲମତି ପାଇକ, ଲଛନଦେଇ ପାଇକ, ଭଗବତୀ ଜାନୀ, ହେମ ଜାନୀ କହିଛନ୍ତି। ଶେଷରେ ୩୫ ପରିବାର ଏକତ୍ରିତ ହୋଇ କୋଡ଼ି, କୋଦାଳ ଓ ଗାମଲା ଧରି ମାଟି ହାଣି ୧ କି.ମି. ରାସ୍ତା ତିଆରି କରିବାକୁ ୪ ଦିନ ସମୟ ଲାଗିଥିବା କହିଛନ୍ତି । ଖବରପାଇ ପିଇଓ ସୁମିତ୍ରା ମିଶ୍ର, ସରପଞ୍ଚ ପୂର୍ଣ୍ଣମା ଭତରା ଓ ୱାର୍ଡ ସଭ୍ୟା ସୁମନି ଗୌଡ଼ ପହଞ୍ଚି ଲୋକଙ୍କୁ ବୁଝାଶୁଝାକରି ଏହି ରାସ୍ତା ଲାଗି ଫାଇଲ ଖୋଲାଯାଇଥିବା କହିବା ପରେ ରାସ୍ତା କାମ ଗ୍ରାମବାସୀ ବନ୍ଦ କରିଥିଲେ । ତେବେ ଶୀଘ୍ର କାମ ସାରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ପିଇଓ ମିଶ୍ରଙ୍କୁ ପଚାରିବାରୁ ରାସ୍ତା ଲାଗି କୋଡ଼ିଙ୍ଗ ହୋଇସାରିଛି, ଜେଇ ରାସ୍ତାର ଅଟକଳ ଦେଲେ କାମ ଆରମ୍ଭ ହେବ। ଯେଉଁମାନେ ଏହି ରାସ୍ତା ଲାଗି ନିଜର ପରିଶ୍ରମ ଦେଇଛନ୍ତି ସେମାନଙ୍କ ପାରିଶ୍ରମିକ ଦିଆଯିବ ବୋଲି ସେ କହିଛନ୍ତି ।


ଗ୍ରାମବାସୀ ରାସ୍ତା ତିଆରି କରୁଛନ୍ତି ।

# ଝରିଗାଁରେ ଜିଲାପାଳଙ୍କ ଜନଶୁଣାଣି ଶିବିର


ଜିଲାପାଳଙ୍କ ସହ ସହାୟତା କାର୍ଡ ପାଇଥିବା ହିତାଧିକାରୀ।

**ନବରଙ୍ଗପୁର,୩୦।୧୨(ସଦାଶିବ ପ୍ରହରାଜ)**

ଝରିଗାଁ ବ୍ଲକ୍ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲାପାଳ ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ବ୍ଲକ୍ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ, ବିଡିଓ ରାମକୃଷ୍ଣ ନାୟକଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ସମସ୍ୟା ଓ ୧୩ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଅଭିଯୋଗ ରହିଥିଲା । ସାମାଜିକ ସୁରକ୍ଷା ବିଭାଗ ତରଫରୁ ୧୫ଜଣଙ୍କୁ ମଧୁବାବୁ ପେନ୍‌ସନ ଯୋଜନାର ସହାୟତା କାର୍ଡ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ଏମ୍‌ଡି ଇର୍ସାଦ ହେଲେ ଓଡିଏମ୍ ସମ୍ପାଦକ

**ପଡିଆ,୩୦।୧୨(ଭାସ୍କର ରାଓ)**

ଓଡିଶା ଡିଜିଟାଲ ମିଡିଆ(ଓଡିଏମ୍)ସଂଘ ରାଜ୍ୟ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି ମାଲକାନଗିରି ଜିଲା ଆଦିବାସୀ ଅଧ୍ୟୁଷିତ ପଡିଆ ବ୍ଲକର ଏମ୍‌ଡି ଇର୍ସାଦ। ତାଙ୍କୁ ରାଜ୍ୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଗତ ୩ ବର୍ଷଧରି ବୈଦ୍ୟୁତିକ ଗଣମାଧ୍ୟମରେ ସକ୍ରିୟ ଭାବେ କାମ କରିବା ସହ ଓଡିଶା ଡିଜିଟାଲ ମିଡିଆ ସଂଘ ଗଠନ ଦିନରୁ ଏହି ସଂଗଠନ ପାଇଁ ନିରନ୍ତର କାର୍ଯ୍ୟ ଲାଗି ସଂଗଠନ ପକ୍ଷରୁ ଏପରି ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ଡିଜିଟାଲ ଗଣମାଧ୍ୟମ କିଭଳି ମୁଖ୍ୟସ୍ରୋତରେ ରହି ଲୋକଙ୍କ ସମସ୍ୟା ଉପସ୍ଥାପନ ଦିଗରେ ପ୍ରଭାବୀ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବା ନେଇ ଇର୍ସାଦ କହିଛନ୍ତି। ଗତ ଦିନରେ ଭୁବନେଶ୍ୱରରେ ଓଡିଶା ଡିଜିଟାଲ ମିଡିଆର ସାଙ୍ଗଠନିକ ବୈଠକରେ ଦଳ ଇର୍ସାଦଙ୍କୁ ଏହି ଦାୟିତ୍ୱ ଦେଇଛି। ଏଥିସହ ଓଡିଶା ଡିଜିଟାଲ ମିଡିଆ ସଂଘ ସଭାପତି ଭାବେ ସିଏଚ ଭଗବତୀ ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଛି। ବୈଠକରେ ଡିଜିଟାଲ ମିଡିଆ ଓ ଶାସକ-ପ୍ରଶାସକ ବିଷୟବସ୍ତୁ ନେଇ ଆଲୋଚନା କରାଯାଇଥିବା ବେଳେ ସମ୍ପ୍ରତି ସ୍ଥିତିରେ ଡିଜିଟାଲ ମିଡିଆର ଭୂମିକା ନେଇ ଆଲୋଚନା ହୋଇଥିଲା।



ଏମ୍‌ଡି ଇର୍ସାଦଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି ।

# ଶୁଣାଣିରେ ୯ ଅଭିଯୋଗର ସମାଧାନ

**୨୫ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ**

**କୋରାପୁଟ,୩୦।୧୨(ଅମିତାଭ ବେହେରା)**

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲାପାଳ ଆଲୋମଣୀ ସେଠୀ ଅଧ୍ୟକ୍ଷତା କରି ୨୫ ଅଭିଯୋଗର ଶୁଣାଣି କରିଥିବା ବେଳେ ୯ ଅଭିଯୋଗର ସମାଧାନ ହୋଇଥିଲା। ଜମିଜମା,ରାସ୍ତା ମରାମତି, ମୋବାଇଲ ଟାୱାର ସମସ୍ୟା, ପାନୀୟ ଜଳ ସମସ୍ୟା ଓ ବେଆଇନ ମଦ ବିକ୍ରି ଆଦି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମରେ ଏସ୍‌ପି ରୋହିତ ବର୍ମା, ଉପଜିଲାପାଳ ବେଣୁଧର ଶବର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବରେନ୍ଦ୍ରକାନ୍ତ ମିଶ୍ରଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ ଓ ସହକାରୀ ଯନ୍ତ୍ରୀ ତୃଷାର କୁମାର ସାମଲ ପ୍ରମୁଖ ପରିଚାଳନା କରିଥିଲେ।


ଶିବିରରେ ଉପସ୍ଥିତ କୋରପୁଟ ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ଅନ୍ୟମାନେ।

# ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

**କୋରୁକୋଣ୍ଡା, ୩୦।୧୨ (ଶିବଦତ୍ତ ସାହୁ )**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ମାରିୱାଡ଼ା ପଞ୍ଚାୟତ ଏମ୍‌ଭି-୨୪ ଗ୍ରାମରେ ରହୁଥିବା ଅଜୟ ମଜୁମଦାର ଏବଂ ତୁମସାପାଲ୍ଲୀ ପଞ୍ଚାୟତ ଏମ୍‌ଭି-୧୦୦ ଗାଁରେ ରହୁଥିବା ସାହେନ ମିସ୍ତ୍ରି ଭିନ୍ନକ୍ଷମ । ନାବାଳକ ସରକାରୀ ସହାୟତା ନିମନ୍ତେ ସେମାନେ ନିଜ ପରିବାର ଲୋକଙ୍କ ସହ କୋରୁକୋଣ୍ଡା ବ୍ଲକ୍‌କୁ ଯାଇ ସେଠାରେ ସାମାଜିକ ସୁରକ୍ଷା ଅଧିକାରୀ ରାଜେଶ କୁମାର ଗୌଡ଼ ଓ ବିଡିଓ ଅମୂଲ୍ୟ କୁମାର ସାହୁଙ୍କୁ ସାକ୍ଷାତ କରି ଲିଖିତ ଦରଖାସ୍ତ ଦେଇଥିଲେ। ବିଡିଓ ସାହୁ ସେମାନଙ୍କର ସମସ୍ୟା ଶୁଣିବା ପରେ ତୁରନ୍ତ ଉଭୟଙ୍କୁ ୨ଟି ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି।


୨ ଭିନ୍ନକ୍ଷମଙ୍କୁ ଦିଆଯାଇଥିବା ସାଇକେଲ ।

# ପାଚିକା,ସହାୟିକାଙ୍କୁ ପ୍ରଶିକ୍ଷଣ: ରନ୍ଧନ ପ୍ରତିଯୋଗିତା

**ଡାବୁଗାଁ, ୩୦।୧୨ (ପ୍ରଜ୍ଞା ରଞ୍ଜନ ପରଡ଼ା)**

ଡାବୁଗାଁ ବ୍ଲକ୍ ସଦର ମହକୁମାସ୍ଥିତ ସରକାରୀ(ନୂତନ) ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ପିଏମ୍ ପୋଷଣ ଯୋଜନାରେ କାର୍ଯ୍ୟରତ ପାଚିକା ଓ ସହାୟିକା ନିମନ୍ତେ ପ୍ରଶିକ୍ଷଣ ଶିବିର ଓ ରନ୍ଧନ ପ୍ରତିଯୋଗିତା ଚାଲିଛି । ୩ ଦିନ ଧରି ଚାଲିବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ୨୪୯ ଜଣ ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା, ବିକାଶ ରଞ୍ଜନ ନିଶଙ୍କ, ହେମନ୍ତ କୁମାର ପଣ୍ଡା ଓ ଗୀତାଞ୍ଜଳି ବସ୍ତିଆ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ । ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗବାନ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟରତ ପାଚିକା ଓ ସହାୟିକାମାନେ କିପରି ସ୍ୱଚ୍ଛତା ପାଳନ କରିବେ ସୁସ୍ଥ ରହିବା ଭଳି ଖାଦ୍ୟ ରନ୍ଧନ ପ୍ରଣାଳୀ, ମୁଣ୍ଡରେ କ୍ୟାପ୍ ଏବଂ ଆପ୍ରୋନ ପିନ୍ଧି ରୋଷେଇ କରିବା, ସ୍ୱାସ୍ଥ୍ୟ ଓ ପରିମଳ, ଖାଦ୍ୟ ନିରାପତ୍ତା ଉପରେ ତାଲିମ ଦିଆଯାଇଥିଲା। ଏହାବ୍ୟତୀତ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତକରି ଆଣି ଏଠାରେ ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଏହା କିପରି ପ୍ରସ୍ତୁତ କରାଯାଇଛି, କ'ଣ କ'ଣ ସାମଗ୍ରୀ କେତେ ପରିମାଣରେ ବ୍ୟବହାର କରାଯାଇଛି, ଏହା ସ୍ୱାଦିଷ୍ଟ ଅଛି କି ନାହିଁ ସେ ସମ୍ପର୍କରେ ପ୍ରଶିକ୍ଷକମାନେ ପଚାରି ବୁଝିଥିଲେ। ପରେ ମଧ୍ୟାହ୍ନଭୋଜନ ସମ୍ବନ୍ଧୀୟ କେତୋଟି ପ୍ରଶ୍ନ ସହ ୨୦ନମ୍ବରର ପରୀକ୍ଷା କରାଯାଇ ସମସ୍ତଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।


ପ୍ରମାଣପତ୍ର ପାଇଥିବା ପାଚିକା ଏବଂ ସହାୟିକା।

# ଜଙ୍ଗଲରୁ ମହିଳାଙ୍କ ମୃତଦେହ ଜବତ ମାମଲା, ସ୍ୱାମୀ ଗିରଫ

**ପଟ୍ଟାଙ୍ଗି, ୩୦।୧୨(ଶରତ ଧଳ)**

ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସମ୍ବାଇ ପଞ୍ଚାୟତ ଅଧିନ ଘାଟିଗୁଡା ପଣ୍ଡେଇ ଜଙ୍ଗଲରୁ ମହିଳାଙ୍କ ମୃତଦେହ ଜବତ ମାମଲାରେ ପୋଲିସ ମୃତକଙ୍କ ସ୍ୱାମୀ ବାଗୁରୁ ଖରାଙ୍କୁ ସୋମବାର ଗିରଫ କରିଛି। ସୂଚନାଯୋଗ୍ୟ, ଉକ୍ତ ଜଙ୍ଗଲରୁ ରବିବାର ମହିଳାଙ୍କ ମୃତଦେହ ପଟ୍ଟାଙ୍ଗି ପୋଲିସ ତଥା ଥାନାଧିକାରୀ ଚତୁର୍ଭୁଜ ନାୟକଙ୍କ ନେତୃତ୍ୱରେ ଜବତ କରାଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ସୋମବାର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। ମୃତଦେହ ନିକଟରେ ପଡିଥିବା ଲଙ୍ଗଳ ଏବଂ ଏକ ଧାରୁଆ ଅସ୍ତ୍ର ଜବତ କରି ପୋଲିସ ସ୍ୱାମୀ ବାଗୁରୁଙ୍କୁ ମୃତ୍ୟୁର କାରଣ ପଚାରି ବୁଝିଥିଲା। ଜଙ୍ଗଲକୁ ଯାଇଥିବା ଗୋରୁଗାଈ କାହିଁକି ଫେରନାହାନ୍ତି ବୋଲି ସ୍ତ୍ରୀ ସିଲାଙ୍କୁ ପଚାରିଥିବା ବେଳେ ସେ ରାଗି ଯାଇ ସ୍ୱାମୀଙ୍କୁ ଗାଳିଗୁଲଜ କରିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହେବାରୁ ସେ ରାଗି ଯାଇ ଲଙ୍ଗଳ ଓ ଧାରୁଆ ଅସ୍ତ୍ରରେ ସିଲାଙ୍କ ମୁଣ୍ଡକୁ ପ୍ରହାର କରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ବାଗୁରୁ କହିଥିଲେ। ଏ ନେଇ ନଂ ୧୫୩/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

# ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ମାଓବାଦୀଙ୍କୁ ଆହ୍ୱାନ



ଯବାନମାନେ ସାଇକେଲ ରାଲି କରି ସଚେତନ କରୁଛନ୍ତି ।

**ମାଲକାନଗିରି, ୩୦।୧୨(ଦୁର୍ଯ୍ୟୋଧନ ପାତ୍ର)**

- ସୀମାନ୍ତରେ ଫିଟ୍ ଇଣ୍ଡିଆ ଡ୍ରାଇଭ୍
- ଯବାନଙ୍କ ଦ୍ୱାରା ସାଇକେଲ ରାଲି

ଛତିଶଗଡ ସୁକ୍‌ମା ଜିଲା ସଦର ମହକୁମାରେ ଦ୍ୱିତୀୟ ବାଟାଲିୟନ ସିଆରପିଏଫ କମାଣ୍ଡାଣ୍ଟ ମୁର୍କରାଜ କୋଣ୍ଡାରେ, ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶନାରେ ଫିଟ୍ ଇଣ୍ଡିଆ ସାଇକେଲିଂ ଡ୍ରାଇଭ୍-୨୦୨୪ ଉପଲକ୍ଷେ ଯବାନମାନଙ୍କ ମଧ୍ୟରେ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୦ ଜବାନ ସାମିଲ ହୋଇ ମାଓବାଦୀଙ୍କୁ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିରିକ୍ତ କମାଣ୍ଡାଣ୍ଟ ଅଶ୍ୱିନୀ କୁମାର ସିଂ ସୂଚନା ଦେଇଛନ୍ତି, ନିୟମିତ ସାଇକେଲ ଚଲାଇବା ଅଭ୍ୟାସ କରିବା ଦ୍ୱାରା ଶରୀର ସୁସ୍ଥ ରହିବ । ଏଥିସହ ମାଓବାଦୀ ପ୍ରଭାବିତ ଅଞ୍ଚଳ ଗ୍ରାମବାସୀଙ୍କୁ ଶାରୀରିକ ସ୍ୱାସ୍ଥ୍ୟ ଓ ସଚେତନତା ପଥରେ ନେବା ପାଇଁ ଏହା ଏକ ଅଭିଯାନ।

